NITIDIN
ନିତିଦିନ

କାର୍ ଧକ୍କାରେ ଜଣେ ଆହତ

ଟାଙ୍ଗୀ,୧୧।୭/ଏନ୍ଏନ୍ଏସ୍: ଟାଙ୍ଗୀ ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ସର୍ଦ୍ଦୋଳା ଛକ ନିକଟରେ ଏକ କାର୍ ଧକ୍କାରେ ଜଣେ ବ୍ୟକ୍ତି ଗୁରୁତର ଭାବେ ଆହାତ ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି । ଟାଙ୍ଗୀ ପୁଲିସ ସମ୍ପୃକ୍ତ କାର୍‌କୁ ଜବତ କରି ତଦନ୍ତ ଜାରି ରଖିଛି । ଯାଜପୁର ଜିଲ୍ଲା ଜାରକା ଅଞ୍ଚଳର ଏକ ବିବାହ କାର୍ଯ୍ୟକ୍ରମରେ ବାଣ ଭିଡ଼ିବା ପାଇଁ ଚଣ୍ଡିଖୋଲରୁ ଆସିଥିବା ଏହି ଅଜଣା ଯୁବକ ରାସ୍ତା ପାର୍ ହେବା ସମୟରେ କାର୍(ଟାଟା ଇଣ୍ଡିଗୋ, ନଂ-ଓଆର୦୨ଏଜେଡ୍-୩୪୬) ତାଙ୍କୁ ଧକ୍କା ଦେଇଥିଲା ।

ଖୋଲିଲା ମଙ୍ଗଳା ମନ୍ଦିରର ଦ୍ୱିତୀୟ ହୁଣ୍ଡି

କାକଟପୁର,ନୟାହାଟ, ୧୧।୭/ଏନ୍ଏନ୍ଏସ୍: ଦୀର୍ଘ ୨୦ମାସ ପରେ ବୁଧବାର ସ୍ଥାନୀୟ ତହସିଲଦାର ରୋଜିନା ଦାସଙ୍କ ଉପସ୍ଥିତିରେ ମା' ମଙ୍ଗଳାଙ୍କ ମନ୍ଦିରରେ ଥିବା ଦ୍ୱିତୀୟ ହୁଣ୍ଡି ଖୋଲାଯାଇଛି । ଗତ ୭ତାରିଖରେ ମନ୍ଦିରର ପ୍ରଥମ ହୁଣ୍ଡି ଖୋଲାଯାଇ ସେଥିରୁ ୧୧ଲକ୍ଷ ୭୦ହଜାର ୭୦ଟଙ୍କା ସଂଗ୍ରହ କରାଯାଇଥିବା ବେଳେ ମୁଦ୍ରାଗୁଡିକ ଗଣାଯାଇ ନଥିଲା । ଆଜି ମନ୍ଦିର କାର୍ଯ୍ୟାଳୟ ଭିତରେ ଟ୍ରଷ୍ଟି ତଥା କାକଟପୁର ତହସିଲଦାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦ୍ୱିତୀୟ ହୁଣ୍ଡିକୁ ଖୋଲାଯାଇ ଗଣା ଯାଇଥିଲା । ଏଥିରୁ ୫ଲକ୍ଷ ୪୦ହଜାର ୨୦ଟଙ୍କା ନୋଟ୍ ଆକାରରେ ମିଳିଥିବା ବେଳେ ଆଜି ମଧ୍ୟ ମୁଦ୍ରାଗୁଡିକ ଗଣ ଯାଇପାରିନାହିଁ । କାରଣ ଓଦା ହୋଇ ନଷ୍ଟ ହୋଇଯାଇ ଥିବା ନୋଟ ଗୁଡିକୁ କାର୍ଯ୍ୟାଳୟ ମଧ୍ୟରେ ଶୁଖା ଯାଇଛି ।

ଆସନ୍ତା କାଲି ନଷ୍ଟ ହୋଇଥିବା ନୋଟ୍‌ଗୁଡିକୁ ବ୍ୟାଙ୍କ ଗ୍ରହଣ କରିବାକୁ ସମ୍ମତି ପ୍ରକାଶ କରିବା ପରେ ମୁଦ୍ରାଗୁଡ଼ିକୁ ଗଣାଯିବ ବୋଲି ସୂଚନା ମିଳିଛି । ହୁଣ୍ଡିର ଉପରିଭାଗର ନୋଟଗୁଡ଼ିକ ଭଲଥିବା ବେଳେ ତଳଭାଗର ନୋଟ୍‌ଗୁଡ଼ିକ ଓଦା ହୋଇ ଲକ୍ଷାଧିକ ଟଙ୍କା ନଷ୍ଟ ହୋଇଯାଇଛି । ଏହି ଦ୍ୱିତୀୟ ହୁଣ୍ଡିର ତଳଅଂଶ ସଂପୂର୍ଣ୍ଣ ଭାବେ ନଷ୍ଟ ହୋଇ କଣାହୋଇ ଯାଇଥିବା ବେଳେ ଏହାକୁ ଭକ୍ତମାନଙ୍କ ଦାନ ପାଇଁ କାହିଁକି ରଖାଯାଇଥିଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ହୁଣ୍ଡିକୁ ଦାନ ଦେଇଥିବା କ୍ରିୟାଯୋଗ ଆଶ୍ରମର ସାଧୁ ଶଙ୍କରାନନ୍ଦ ଗିରି ନୂଆ ହୁଣ୍ଡିଟିଏ ଦାନ ଦେଇ ପୁରୁଣା ହୁଣ୍ଡିଟିକୁ ମରାମତି କରିବା ପାଇଁ ନେବାକୁ ଚାହୁଁଥିଲେ । କିନ୍ତୁ ମନ୍ଦିର ପ୍ରଶାସନ ନିଜେ ମରାମତି କରିଦେବ ବୋଲି କହି କଣା ହୋଇଥିବା ହୁଣ୍ଡିଟି ଦାନାର୍ଥ ପାଇଁ ଖୋଲି ଦେଇଥିଲେ । ଫଳରେ ହୁଣ୍ଡିର ତଳଭାଗରେ ଥିବା କଣାରେ ମନ୍ଦିର ଧୋଇବା ବେଳେ ପାଣି ପଶି ଲକ୍ଷାଧିକ ଟଙ୍କା ମାଟି ହୋଇଯାଇଛି । ଏହି ଲକ୍ଷାଧିକ ଟଙ୍କା ନଷ୍ଟ ନେଇ ମନ୍ଦିର ପ୍ରଶାସନ ଓ ଦେବୋତ୍ତର ବିଭାଗ ମଧ୍ୟରୁ ଯିଏ ଦାୟୀ ତଦନ୍ତ କରାଯାଇ ତାଙ୍କ ଠାରୁ ଉକ୍ତ ଅର୍ଥ ଠାରୁ ଅସୁଲ କରିବାକୁ ଭକ୍ତମାନେ ଦାବି କରିଛନ୍ତି ।

ଖଣ୍ଡେୟତାରେ 'ଆମ ଗାଁ ଆମ ବିକାଶ' କାର୍ଯ୍ୟକ୍ରମ

ବ୍ରାହ୍ମଣଝରିଲୋ, ଫୁଲନଖରା, ୧୧।୭/ଏନ୍ଏନ୍ଏସ୍: କଟକ ସଦର ବ୍ଲକ୍ ଖଣ୍ଡେୟତା ପଞ୍ଚାୟତର ନାଗବାଲି କୋଠଘର ପରିସରରେ ବୁଧବାର 'ଆମ ଗାଁ ଆମ ବିକାଶ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶରତ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଟକ ସଦର ବ୍ଲକ୍ ବିଜେଡି ସଭାପତି ପ୍ରମୋଦ କୁମାର ମହାପାତ୍ର, ବିପ୍ରଚରଣ ଭୋଳ, ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ସାହୁ, ନାଏବ ସରପଞ୍ଚ ଗୀତାଞ୍ଜଳି ସ୍ୱାଇଁ, ଆମଣ ପଞ୍ଚାୟତ ସମିତି ସଭ୍ୟା ସୁବାସିନୀ ସେଠୀ, ଜିଲ୍ଲା ପରିଷଦ ସଭ୍ୟ ବୀରବର ଲେଙ୍କା, ବିଜେଡି ପର୍ଯ୍ୟବେକ୍ଷକ ଅଚ୍ୟୁତାନନ୍ଦ ଦାସ, ତପନ କୁମାର ସ୍ୱାଇଁ, ନିହାର ନନ୍ଦ, କୈଳାସ ମୁଦୁଲି, ସଞ୍ଜୟ ସ୍ୱାଇଁ, ଜ୍ୟୋତିରଞ୍ଜନ ପରିଡ଼ା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଆମ ଗାଁ ଆମ ବିକାଶ ଯୋଜନାରେ ପଞ୍ଚାୟତ ପାଇଁ ୩୫ ଲକ୍ଷ ଟଙ୍କା ଅନୁଦାନ ମିଳିଛି । ଏହି ଅର୍ଥରେ କୋଠଘର, ଭାଗବତ ଟୁଙ୍ଗୀ, ମହିଳା କମ୍ୟୁନିଟି ସେଣ୍ଟର ଆଦି ନିର୍ମାଣ ତଥା ନବୀକରଣ କରାଯିବାକୁ ବୈଠକରେ ପ୍ରସ୍ତାବ ଦିଆଯାଇଛି ।

ନଡ଼ିଆସାହାସପୁରରୁ ୬ଟି ନାଗଛୁଆ ଉଦ୍ଧାର

ମାହାଙ୍ଗା, ୧୧।୭/ଏନ୍ଏନ୍ଏସ୍: ମାହାଙ୍ଗା ବ୍ଲକ୍ ପଣସପୁର ପଞ୍ଚାୟତର ନଡିଆସାହାସପୁର ଗ୍ରାମରୁ ଏକ ମାଟିଘରୁ ୬ଟି ନାଗସାପ ଛୁଆ ସହ ୧୭ଟି ଅଣ୍ଡା ଉଦ୍ଧାର କରାଯାଇଛି । ସୂଚନାରୁ ପ୍ରକାଶ ଯେ, ଗ୍ରାମର ଧନେଶ୍ୱର ବେହେରାଙ୍କ ଘର ବାରଣ୍ଡାରେ ଆଜି ସକାଳୁ ଏକ ନାଗ ସାପ ଛୁଆ ଦେଖିବାକୁ ମିଳିଥିଲା । ପରିବାର ଲୋକେ ସାପଟିକୁ ଏକ ପ୍ଲାଷ୍ଟିକ ପେଟିରେ ରଖିଥିଲେ । ପରେ ଘରେ ଭିତରେ ଏକ ବଡ଼ ନାଗସାପ ଦେଖି ସ୍ନେକ ହେଲ୍ପଲାଇନକୁ ଖବର ଦେଇଥିଲେ ।

ଜାରକାରୁ ସ୍ନେକ ହେଲ୍ପଲାଇନର ସଦସ୍ୟ ତପନ ପୃଷ୍ଟି ଘଟଣାସ୍ଥଳରେ ପହଞ୍ଚି ଧନେଶ୍ୱରଙ୍କ ଘରର ଚଟାଣରେ ଥିବା ଗାତଗୁଡିକୁ ତାଡିଥିଲେ । ଏହା ମଧ୍ୟରୁ ୬ଟି ନାଗସାପ ଛୁଆ ଓ ୧୭ଟି ଅଣ୍ଡା ଉଦ୍ଧାର କରିଥିବା ବେଳେ ବଡ଼ ନାଗସାପଟିକୁ ପାଇନଥିଲେ । ଉଦ୍ଧାର ସାପ ଛୁଆଗୁଡିକୁ ଜନବସତି ଦୂର ଜଙ୍ଗଲରେ ଛଡା ଯାଇଥିଲା ।

ସାପଗୁଡିକୁ ଦେଖିବା ପାଇଁ ଲୋକଙ୍କ ଭିଡ ଜମିଥିଲା ।

ଆଜିର ପାଞ୍ଜି

୧୨ ଜୁଲାଇ,୨୦୧୮, ଗୁରୁବାର: ମିଥୁନ ୨୮ ଦିନ, ସମ୍ବାଲ୍ ୨୭ ତାରିଖ, ଆଷାଢ଼ ୧୯ ଦିନ ।

◆**ତିଥି:** ଚତୁର୍ଦ୍ଦଶୀରେ ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ଅମାବାସ୍ୟାର ସାମୟିକ ଶ୍ରାଦ୍ଧ ମହାଳୟା ବିଧିରେ ହେବ । ◆**ମିଥୁନ:** ଦ୪/୩୮/୦୬ ଇଂଘ.୫/୧୮/୧୯ ଗତେ ଉଦୟ । ◆**ଧନୁ:** ଦ୪/୩୨/୪୨ ଇଂଘ.୬/୨୫/୧୦ ଗତେ ଅସ୍ତ । ◆**ଶୁଭକର୍ମ:** ଯୋଗିନୀ, ପଶ୍ଚିମେ ଓ ଐଶାନ୍ୟେ ଯାତ୍ରାଦି ଶୁଭ କର୍ମ ନାସ୍ତି ।◆**ଘାତବାର:** ତୁଳା ଓ କୁମ୍ଭ ରାଶି । ◆**ଘାତଚନ୍ଦ୍ର:** କନ୍ୟା ରାଶି । ◆ଭକ୍ଷଣ ନିଷେଧ: ମାଛ, ମାଂସ ଓ ବିରି । ◆ **ଅମୃତବେଳା:** ଦିବା ଘ.୧୧/୭ ଗତେ ଘ.୧୨/୪୬ ମଧ୍ୟେ ଘ.୨/୨୫ ଗତେ ଘ.୪/୪ ମଧ୍ୟେ ରାତ୍ରି ଘ.୭/୪୭ ଗତେ ଘ.୯/୪ ମଧ୍ୟେ ଘ.୧/୪ ଗତେ ଘ.୨/୨୫ ମଧ୍ୟେ ।

କେମିତି କଟିବ ଆଜି

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା
ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

ମେଷ — ଦିନଟି ଆପଣଙ୍କୁ ଢେର୍ ସାରା ଫାଇଦା ଦେବ । ନିଜକୁ ପ୍ରତିଷ୍ଠା କରିବା ଲାଗି ଅବସର ମିଳିବ । ବ୍ୟବସାୟ ପ୍ରତି ବିଶେଷ ଦୃଷ୍ଟି ଦେବେ । ଚାକିରିରେ ଉଚ୍ଚ ଅଧିକାରୀଙ୍କ ସାହାଯ୍ୟ ମିଳିବ । ବନ୍ଧୁଙ୍କ ସହିତ ସମ୍ବନ୍ଧ ମଜଭୁତ ରହିବ ।

ବୃଷ — ଆପଣଙ୍କ ମନୋଭାବ କୌତୁକପୂର୍ଣ୍ଣ ରହିବ । ଜୀବନସାଥୀଙ୍କ ସହଯୋଗ ପାଇବେ । ଅଫିସ୍‌ରେ ଆପଣଙ୍କ କାମର ପ୍ରଶଂସା ହୋଇପାରେ । ଭାବିଚିନ୍ତି ନୂଆ କାରବାରରେ ନିବେଶ କରନ୍ତୁ । ମହିଳାମାନେ ଦୂରସ୍ଥାନକୁ ଯାତ୍ରା କରିବେ ।

ମିଥୁନ — ସୁଖ ଓ ସୌଭାଗ୍ୟ ବୃଦ୍ଧି ହେବ । ଆପଣ କିଛି ନୂଆ କୌଶଳ ଶିକ୍ଷା ଲାଭ କରିବେ । କମ୍ପ୍ୟୁଟର୍ ଇଞ୍ଜିନିୟରଙ୍କୁ ବଡ଼ କମ୍ପାନୀରେ ଚାକିରିରେ ପ୍ରସ୍ତାବ ମିଳିପାରେ । ଘରୋଇ ସୁଖ ଓ ସୁବିଧା ପାଇଁ ନୂଆ ଜିନିଷ କିଣିବେ ।

କର୍କଟ — କୌଣସି ନୂଆ ଅବସର ମିଳିବା ହେତୁ ଜୀବନରେ ପରିବର୍ତ୍ତନ ଆସିବ । ବ୍ୟବସାୟରେ ଲାଭ ହେବ । ସାମାଜିକ କାର୍ଯ୍ୟରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ । ଜୀବନସାଥୀଙ୍କଠାରୁ ମୂଲ୍ୟବାନ୍ ଉପହାର ମିଳିପାରେ ।

ସିଂହ — ଆପଣଙ୍କ ମନ ପୂଜାପାଠରେ ଲାଗି ରହିବ । ଅଶାନ୍ତି ଦୂର ହେବ । ସରକାରୀ ଚାକିରିଆଙ୍କୁ ସହଯୋଗୀ ମିଳିବ । ସନ୍ଧ୍ୟାରେ ବନ୍ଧୁମାନଙ୍କ ସହ ଖାଦ୍ୟ ଓ ପାନୀୟର ମଜା ନେବେ । ପିଲାମାନେ ପଢ଼ାପଢ଼ିରେ ଲାଗିପଡ଼ିବେ ।

କନ୍ୟା — ଲକ୍ଷ୍ୟକୁ ନେଇ ଯାତ୍ରା ପୂରା କରିବାରେ ସଫଳ ହେବେ । ଆପଣଙ୍କ ବିନମ୍ର ବ୍ୟବହାର ଲୋକମାନଙ୍କୁ ଆକର୍ଷିତ କରିବ । ବ୍ୟବସାୟରେ ମନ ଚାହୁଁଥିବା ସଫଳତା ସହ ଲାଭ ପାଇବେ । ଛାତ୍ରଙ୍କୁ ଆଂଶିକ ପରିଶ୍ରମ କରିବାକୁ ପଡ଼ିବ ।

ତୁଳା — ଭାଗ୍ୟର ଆଶଙ୍କା ଝୁଲ ରହିବ । ଯାହା ବି କାମ କରିବେ, ଆପଣ ସଫଳତା ନିଶ୍ଚୟ ପାଇବେ । ମାତ୍ରଙ୍କଠାରୁ ଭଲ ଖବର ପାଇବେ । ନୂଆ ଯାନବାହନ କିଣିବା ପାଇଁ ମନ ବଳାଇ ପାରନ୍ତି । ଜୀବନସାଥୀଙ୍କ ସହ ହସ ଖୁସି ପାଇବେ ।

ବିଛା — ଆପଣଙ୍କ ଆଖପାଖରେ ବହୁତ ସୁଖ ଓ ମଧୁର ବାତାବରଣ ରହିବ । ଧାର୍ମିକ କ୍ରିୟା କଳା ପରେ ଧନ ଖର୍ଚ୍ଚ ହେବ । ମହତ୍ତ୍ୱପୂର୍ଣ୍ଣ ବ୍ୟାପାରରେ ସମାଧାନ ବାହାର କରିନେବେ । ଅଫିସ୍ କାମରେ ଦୂରସ୍ଥାନକୁ ଯାତ୍ରାରେ ଯିବେ ।

ଧନୁ — ବ୍ୟବସାୟ ଓ ଚାକିରିରେ ଉଚ୍ଚ ଅଧିକାରୀଙ୍କ ସହଯୋଗ ମିଳିବ । ପଦ ପ୍ରତିଷ୍ଠା ବଢ଼ିପାରେ । ଅଚାନକ୍ ଧନପ୍ରାପ୍ତି ହେବ । ପରିବାର ମଧ୍ୟରେ ଆନନ୍ଦ ଉଲ୍ଲାସ ଦେଖାଦେବ । ପ୍ରେମରେ ଆପଣଙ୍କୁ ସଫଳତା ମିଳିବ ।

ମକର — ଦିନଟି ଆପଣଙ୍କ ଲାଗି ଅନୁକୂଳ ହେବ । କର୍ମକ୍ଷେତ୍ରରେ ପ୍ରଭାବ ବଢ଼ିବ । ଆର୍ଥିକ ପକ୍ଷ ପୂର୍ବାପେକ୍ଷା ଅଧିକ ଭଲ ହେବ । ଯୁବକଙ୍କ ଲାଗି ଉନ୍ନତିର ନୂଆ ଦ୍ୱାର ଖୋଲିବ । ଲେଖକଙ୍କୁ ପୁରସ୍କାର ମିଳିପାରେ ।

କୁମ୍ଭ — ଆପଣଙ୍କ ନିଜର ଇଚ୍ଛା ପୂରା କରିବାକୁ ଚେଷ୍ଟା କରିବେ । ପରିବାରରେ ଲାଗି ରହିଥିବା ଅଶାନ୍ତି ଦୂର ହେବ । ବ୍ୟବସାୟ ବୃଦ୍ଧି ପାଇଁ ନୂଆ ପ୍ରସ୍ତାବ ପାଇବେ । କମ୍ପାନୀ ତରଫରୁ ବିଦେଶ ଯାତ୍ରା କରିବାକୁ ପଡ଼ିପାରେ ।

ମୀନ — ବାପାଙ୍କଠାରୁ ପ୍ରେମ ଓ ଆଶୀର୍ବାଦ ପାଇବାରେ ମନକୁ ଶାନ୍ତି ମିଳିବ । ଆଜି ଆପଣଙ୍କୁ ବଢ଼ିଆ ଚାକିରିର ପ୍ରସ୍ତାବ ମିଳିପାରେ । ବ୍ୟବସାୟରେ ସାମାନ୍ୟ ପରିବର୍ତ୍ତନ ହେତୁ ଯଥେଷ୍ଟ ଲାଭ ପାଇବେ । ରାଜନୀତି କ୍ଷେତ୍ରରେ ଥିବା ବ୍ୟକ୍ତିଙ୍କୁ ବଡ଼ ପଦ ମିଳିପାରେ ।

ସାମାଜିକ କର୍ମୀ ଗୌତମ ମିଶ୍ର ସମ୍ମାନିତ

ବାଙ୍କୀ,୧୧।୭/ଏନ୍ଏନ୍ଏସ୍: ବାଙ୍କୀ ଏନ୍ଏସି ଅନ୍ତର୍ଗତ ଚର୍ଚ୍ଚିକା ଗ୍ରାମର ସାମାଜିକ କର୍ମୀ ଗୌତମ ମିଶ୍ରଙ୍କୁ ଅନ୍ତର୍ଜାତୀୟ ଓଡ଼ିଶା ସ୍ୱାଭିମାନ ପ୍ରତିଷ୍ଠାନ(ନୂଆଦିଲ୍ଲୀ)ପକ୍ଷରୁ ସମ୍ମାନିତ କରାଯାଇଛି । ବ୍ରହ୍ମପୁର ବିଜୁ ପଟ୍ଟନାୟକ ସାଂସ୍କୃତିକ ଭବନ ହିଲ୍ ପାଟଣାଠାରେ ପ୍ରତିଷ୍ଠାନର ୭ମ ଜାତୀୟ ଓଡ଼ିଆ ସ୍ୱାଭିମାନ ସମ୍ମିଳନୀ ଅବସରରେ ଶ୍ରୀ ମିଶ୍ରଙ୍କୁ ସମାଜସେବା ପାଇଁ ଏହି ସମ୍ମାନ ଦିଆଯାଇଛି । ରାଜ୍ୟ ମହିଳା ଶିଶୁ ବିକାଶ, ମିଶନଶକ୍ତି ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ତାଙ୍କୁ ସମ୍ମାନିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଂସଦ ଡ. ପ୍ରସନ୍ନ ପାଟ୍ଟଶାଣୀ, ବିଧାୟକ ଡ. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ ତ୍ରିପାଠୀ, ଭାଷା ତତ୍ତ୍ୱବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ସମାଜ କଲ୍ୟାଣ ବୋର୍ଡର ଅଧ୍ୟକ୍ଷା ଲତିକା ପ୍ରଧାନ, ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ସନ୍ଧ୍ୟାବତୀ ପ୍ରଧାନ, ଅନ୍ତର୍ଜାତୀୟ ଓଡ଼ିଶା ସ୍ୱାଭିମାନ ପ୍ରତିଷ୍ଠାନର ସମ୍ପାଦକ ସୁଶାନ୍ତ କୁମାର ସାବତଙ୍କ ସହ ବହୁ ଅତିଥି ଉପସ୍ଥିତ ଥିଲେ । ଗୌତମ ମିଶ୍ରଙ୍କୁ ସମ୍ମାନିତ କରାଯିବା ନେଇ ଅମ୍ଳାନ ସ୍ମୃତି ମଣ୍ଡପ, ଅର୍ନ୍ତରାଷ୍ଟ୍ରୀୟ ମାନବ କଲ୍ୟାଣ ପରିଷଦ, ପରିବେଶ ସୁରକ୍ଷା ସମିତି, ସ୍ନେହଲତା ସ୍ୱେଚ୍ଛାସେବୀ ସଂଗଠନ, ଅନୁସୃତି, ପ୍ରକୃତିବନ୍ଧୁ ଦୀପକ କୁମାର ସାମନ୍ତରାୟ, ମନୋଜ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ସମାଜସେବୀ କିଶୋର ଚନ୍ଦ୍ର ମିଶ୍ରଙ୍କ ସହ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ନିମିକ୍ଷେତାରେ ମୋ ସ୍କୁଲ୍ କାର୍ଯ୍ୟକ୍ରମ

ବାଲୁଗାଁ,୧୧।୭/ଏନ୍ଏନ୍ଏସ୍: ଚିଲିକା ବ୍ଲକ୍ ନିମିକ୍ଷେତା ପ୍ରକଳ୍ପ ଉପ୍ରା ବିଦ୍ୟାଳୟରେ ପ୍ରାକ୍ତନ ଛାତ୍ରଛାତ୍ରୀମାନଙ୍କୁ ନେଇ ମୋ ସ୍କୁଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ଶତୁଶଲ୍ୟଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇ ସର୍ବସମ୍ମତି କ୍ରମେ ଏକ ଆଲମୁନି କମିଟି ଗଠନ କରାଯାଇଛି । ଏହାର ସଭାପତି ଭାବେ ଅମୀର ପରିମାଣିକ, ସମ୍ପାଦକ ଅଜୟ କୁମାର ସେଠୀଙ୍କ ସମେତ ୧୦ଜଣଙ୍କୁ ଚୟନ କରାଯାଇଛି । ଏହି ଅବସରରେ ପ୍ରାକ୍ତନ ଛାତ୍ରଛାତ୍ରୀମାନଙ୍କଠାରୁ ବିଦ୍ୟାଳୟର ଉନ୍ନତି ପାଇଁ ୪୭ ହଜାର ୫୦୦ଟଙ୍କା ପାଣ୍ଠି ସଂଗ୍ରହ କରାଯାଇଥିବା ଜଣାପଡ଼ିଛି । ପ୍ରତିବର୍ଷ ବିଦ୍ୟାଳୟର ବାର୍ଷିକ ଉତ୍ସବରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି । ସୂଚନାଯୋଗ୍ୟ, ଗତବର୍ଷ ପ୍ରାକ୍ତନ ଛାତ୍ରଙ୍କ ସହଯୋଗରେ ବିଦ୍ୟାଳୟକୁ ଏକ ଆକ୍ୱାଗାର୍ଡ, ଛାତ୍ରଛାତ୍ରୀମାନଙ୍କ ପାଇଁ ସ୍କୁଲ୍ ବ୍ୟାଗ୍, ପାଣି ବୋତଲ ପ୍ରଦାନ କରାଯାଇଥିଲା ।

ବିଶ୍ୱ ଜନସଂଖ୍ୟା ଦିବସ ପାଳିତ

ନୟାଗଡ଼,୧୧।୭/ଏନ୍ଏନ୍ଏସ୍: ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମ୍ମିଳନୀ କକ୍ଷରେ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ର୍ୟାଲି ଆୟୋଜିତ ହୋଇ ସହର ପରିକ୍ରମା କରିବା ସହିତ 'ପରିବାର ନିୟୋଜନ ଏକ ମାନବ ଅଧିକାର' ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡ଼ିଶା ସାହିତ୍ୟ ଏକାଡେମୀ ସହସ୍ୟ ନିର୍ମଳ ଚନ୍ଦ୍ର ଶୁରଦେଓ, ସାମ୍ବାଦିକ ରାମକୃଷ୍ଣ ରଥ ଯୋଗଦେଇ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ନିରଞ୍ଜନ ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡ. ନୀଳମାଧବ ଶତପଥି ଆଲୋଚକ ଭାବେ ଏବଂ କୁଷ୍ଠ ନିରାକରଣ ଅଧିକାରୀ ଡ. ପ୍ରମିଳା ଦାଶ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଡ. ପ୍ରମୋଦ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିବା ବେଳେ ମେଡିକାଲ କର୍ମଚାରୀ ପ୍ରସନ୍ନ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଡକାୟତି ଯୋଜନା ପଣ୍ଡ, ୫ ଗିରଫ

ଜଟଣୀ, ୧୧।୭/ଏନ୍ଏନ୍ଏସ୍: ଜଟଣୀ ସହରରେ ଏକ ବଡ଼ଧରଣର ଡକାୟତି ପାଇଁ ୫ଜଣ କୁଖ୍ୟାତ ଅପରାଧୀ ଯୋଜନା କରୁଥିବା ବେଳେ ଜଟଣୀ ପୁଲିସ ଏହାକୁ ବିଫଳ କରିଦେଇଛି । ସୂଚନାରୁ ପ୍ରକାଶ ଯେ, ଆଜି ମଧ୍ୟାହ୍ନରେ ଜଟଣୀ ଥାନା ଅନ୍ତର୍ଗତ ରେତଙ୍ଗ କଲୋନୀ ମଧୁରକୁଣ୍ଡ ଛକଠାରେ ଏହି ଡକାୟତି ଯୋଜନା କରାଯାଉଥିବା ନେଇ ଜଟଣୀ ପୁଲିସ କୌଣସି ସୂତ୍ରରୁ ସୂଚନା ପାଇବା ପରେ ଏହାର ଏକ ଟିମ୍ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ଚଢ଼ଉ କରିଥିଲା । ଚଢ଼ଉ ବେଳେ ପୁଲିସ୍ ଅଭିଯୁକ୍ତମାନଙ୍କୁ କାବୁ କରି ନେବାକୁ ସକ୍ଷମ ହୋଇଥିଲା ।

ଏଥିରେ ସଂପୃକ୍ତ ଥିବା ଅଭିଯୁକ୍ତମାନେ ହେଲେ ଜଟଣୀ ଥାନା ଅନ୍ତର୍ଗତ ରାଜାବଜାର ଅଞ୍ଚଳର ଭଗବାନ ସେନାପତିଙ୍କ ପୁଅ ସୋମନାଥ ସେନାପତି (୩୦), ଫିରୋଜ ହୁସେନଙ୍କ ପୁଅ ଜାଭେଦ ହୁସେନ(୨୩) ଓରଫ୍ ବାବୁ, ବେଣାପଞ୍ଚୁରୀ ଗ୍ରାମର ସହମ୍ମନ ନବାବଙ୍କ ପୁଅ ମହମ୍ମଦ ସାହାରୁଖ(୧୯), ଜଟଣୀ ବାଛରା ପାଟଣା ଅଞ୍ଚଳର ନବୀନ ସୁନ୍ଦରାୟଙ୍କ ପୁଅ ସୁଶାନ୍ତ ସୁନ୍ଦରାୟ (୨୫) ଓରଫ୍ ଶୁସା ଏବଂ ବାଲିଛକ ମୁଣ୍ଡିଆ ସାହିର ଶତ୍ରୁଘ୍ନ ଦଳାଇଙ୍କ ପୁଅ ରଘୁନାଥ ଦଳାଇ (୨୪) ଓରଫ୍ ସନା । ସେମାନଙ୍କୁ ଆଜି ଘଟଣା ସ୍ଥଳରୁ ଗିରଫ କରାଯିବା ସହ ମାମଲା ରୁଜୁକରି କୋର୍ଟଚାଲାଣ କରାଯାଇଛି । ଜଟଣୀ ପୁଲିସର ଏହା ଏକ ବଡ ସଫଳତା ବୋଲି ଅଞ୍ଚଳବାସୀ କହିଛନ୍ତି ।

ନିର୍ମାଣ ଶ୍ରମିକଙ୍କୁ